# Raisina Dialogue 2021 begins tomorrow in virtual mode

April 12, 2021

## ରାଇସିନା ଆଲୋଚନା 2021 ଆସନ୍ତାକାଲିଠାରୁ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହେବ

ଏପ୍ରିଲ 12, 2021

**ଉଦ୍ଘାଟନୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଭିଡିଓ ବାର୍ତ୍ତା ପ୍ରଦାନ କରିବେ**

**"#ଭାଇରାଲ୍ ୱାର୍ଲ୍ଡ: ଆଉଟବ୍ରେକସ, ଆଉଟଲାଇଅରସ୍ ଏବଂ ଆଉଟ ଅଫ କଣ୍ଟ୍ରୋଲ"**

13-16 ଏପ୍ରିଲ 2021

1. ଗୁରୁତ୍ୱପୂର୍ଣ୍ଣ ରାଇସିନା ଆଲୋଚନାର ଷଷ୍ଠ ସଂସ୍କରଣ ଆସନ୍ତାକାଲି ଉଦ୍ଘାଟିତ ହେବ। ଏହି ଆଲୋଚନା 13-16 ଏପ୍ରିଲ 2021 ପର୍ଯ୍ୟନ୍ତ ଭର୍ଚୁଆଲ୍ ଉପାୟରେ ଅନୁଷ୍ଠିତ ହେବ।

2. ରାଇସିନା ଆଲୋଚନା ହେଉଛି ଭୂରାଜନୀତି ଏବଂ ଭୂଅର୍ଥନୀତି ଉପରେ ଭାରତର ମର୍ଯ୍ୟାଦାପୂର୍ଣ୍ଣ ସମ୍ମିଳନୀ ଯାହା 2016 ରୁ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଛି।  ଏହା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ଅବଜର୍ଭର ରିସର୍ଚ୍ଚ ଫାଉଣ୍ଡେସନ୍ ଦ୍ୱାରା ମିଳିତ ଭାବରେ ଆୟୋଜିତ ହେଉଛି।

3. କୋଭିଡ-19 ମହାମାରୀର ଅସାଧାରଣ ପରିସ୍ଥିତି ହେତୁ ଆୟୋଜକମାନେ ଏହି ଆଲୋଚନାକୁ ଭର୍ଚୁଆଲ୍ ଉପାୟରେ କରିବାକୁ ନିଷ୍ପତ୍ତି ନେଇଛନ୍ତି।

4. ଭାରତର ପ୍ରଧାନମନ୍ତ୍ରୀ 13 ଏପ୍ରିଲରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଏହି ଆଲୋଚନାକୁ ଉଦଘାଟନ କରିବେ। ରୁୱାଣ୍ଡାର ରାଷ୍ଟ୍ରପତି ପଲ୍ କାଗାମେ ଏବଂ ଡେନମାର୍କର ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକସେନ୍ ମଧ୍ୟ ମୁଖ୍ୟ ଅତିଥି ଭାବରେ ଉଦ୍ଘାଟନୀ ଅଧିବେଶନରେ ଯୋଗଦେବେ। ଏହି ସମ୍ମିଳନୀର ପରବର୍ତ୍ତୀ ଅଧିବେଶନରେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍ ଏବଂ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଚାର୍ଲ୍ସ ମାଇକେଲ ମଧ୍ୟ ଅଂଶଗ୍ରହଣ କରିବେ।

5. ଏହି ଆଲୋଚନାର 2021 ସଂସ୍କରଣ ପାଇଁ ବିଷୟବସ୍ତୁ ହେଉଛି "#ଭାଇରାଲ୍ ୱାର୍ଲ୍ଡ: ଆଉଟବ୍ରେକସ, ଆଉଟଲାଇଅରସ୍ ଏବଂ ଆଉଟ ଅଫ କଣ୍ଟ୍ରୋଲ"। ଚାରି ଦିନର ଏହି ସମ୍ମିଳନୀରେ ପାଞ୍ଚଟି ବିଷୟବସ୍ତୁ ଉପରେ ପ୍ୟାନେଲ୍ ଚର୍ଚ୍ଚା ଅନୁଷ୍ଠିତ ହେବ - ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବହୁପକ୍ଷୀୟତା? ମିଳିତ ଜାତିସଂଘର ପୁନଃନିର୍ମାଣ ଏବଂ ଭବିଷ୍ୟତ; ଯୋଗାଣ ଶୃଙ୍ଖଳାର ସୁରକ୍ଷା ଏବଂ ବିବିଧତା; ଗ୍ଲୋବାଲ୍ 'ପବ୍ଲିକ୍ ବ୍ୟାଡସ୍': ସଦସ୍ୟ ଏବଂ ରାଷ୍ଟ୍ରଙ୍କ ଉତ୍ତରଦାୟିତ୍ୱ; ଇନଫୋଡେମିକ୍: ନାଭିଗେଟିଙ୍ଗ ଏ 'ନୋ-ଟ୍ରୁଥ୍' ୱାର୍ଲ୍ଡ ଇନ୍ ଦ ଏଜ ଅଫ ବିଗ୍ ବ୍ରଦର୍; ଗ୍ରିନ ଷ୍ଟିମୁଲସ୍: ଇନଭେଷ୍ଟିଙ୍ଗ ଇନ ଜେଣ୍ଡର, ଗ୍ରୋଥ ଆଣ୍ଡ ଡେଭେଲପମେଣ୍ଟ।

6. ଏହି କାର୍ଯ୍ୟକ୍ରମରେ ସ୍ୱିଡେନର ପୂର୍ବତନ ପ୍ରଧାନମନ୍ତ୍ରୀ କାର୍ଲ ବିଲ୍ଡ, ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆବଟ୍ଟ ଏବଂ ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ହେଲେନ କ୍ଲାର୍କ ମଧ୍ୟ ଉପସ୍ଥିତି ରହିବେ।  ପର୍ତ୍ତୁଗାଲ, ସ୍ଲୋଭେନିଆ, ରୋମାନିଆ, ସିଙ୍ଗାପୁର,

ନାଇଜେରିଆ, ଜାପାନ, ଇଟାଲୀ, ସ୍ୱିଡେନ, ଅଷ୍ଟ୍ରେଲିଆ, କେନିଆ, ଚିଲି, ମାଳଦ୍ୱୀପ, ଇରାନ, କତାର, ପୋଲାଣ୍ଡ, ତୁର୍କୀ ଏବଂ ଭୁଟାନର ବୈଦେଶିକ ମନ୍ତ୍ରୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ।

7. ଏହି ଆଲୋଚନାର 2021 ସଂସ୍କରଣରେ 50ଟି ଦେଶ ଏବଂ ବହୁପକ୍ଷୀୟ ସଂଗଠନର 150 ବକ୍ତାଙ୍କ ଅଂଶଗ୍ରହଣ ସହିତ 50ଟି ଅଧିବେଶନ ଅନୁଷ୍ଠିତ ହେବ। 80ରୁ ଅଧିକ ଦେଶରୁ 2000ରୁ ଅଧିକ ଅଂଶଗ୍ରହଣକାରୀ ପୂର୍ବରୁ ପଞ୍ଜୀକୃତ ହୋଇଛନ୍ତି ଏବଂ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଏହି ଆଲୋଚନାର ଯୋଗଦେବାର ସମ୍ଭାବନା ରହିଛି।

8. ବିଗତ ଛଅ ବର୍ଷ ମଧ୍ୟରେ ରାଇସିନା ଆଲୋଚନାର ମର୍ଯ୍ୟାଦା ଏବଂ ରୂପରେଖା ବୃଦ୍ଧି ପାଇ ଆନ୍ତର୍ଜାତୀୟ ବ୍ୟାପାର ଉପରେ ଏକ ଅଗ୍ରଣୀ ବିଶ୍ୱସ୍ତରୀୟ ସମ୍ମିଳନୀ ଭାବରେ ଉଭା ହୋଇଛି। ବିଶ୍ୱର ବ୍ୟାପକ ବୈଦେଶିକ ନୀତି ଏବଂ ରଣନୀତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ଏହା ବିଶ୍ୱର ରଣନୀତିକ ତଥା ନୀତି ନିର୍ଦ୍ଧାରଣ ସମୁଦାୟର ଅଗ୍ରଣୀମାନଙ୍କୁ ଆକର୍ଷିତ କରିଥାଏ।

9. ଏ ସମ୍ବନ୍ଧୀୟ ଅଧିକ ବିବରଣୀ www.orfonline.org/raisina-dialogue/ ରେ ଉପଲବ୍ଧ।

**ନୂଆଦିଲ୍ଲୀ**

**ଏପ୍ରିଲ 12, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.